ସଂକ୍ଷେପରେ

ହେପାଟାଇଟିସ୍‌ରୁ ବର୍ତ୍ତିବା ପାଇଁ ସଚେତନତା ଲୋଡ଼ା

କଟକ,୨୮।୭(କାର୍ତ୍ତିକ ସାହୁ)

ବିଶ୍ୱ ହେପାଟାଇଟିସ ଦିବସ ଅବସରରେ କଟକ ମିଡ୍‌ଟାଉନ୍ ରୋଟାରୀ କ୍ଲବ ପକ୍ଷରୁ ଏକ ଆଲୋଚନାଚକ୍ର ସିଡିଏଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତା ଅଧ୍ୟକ୍ଷତା କରି ହେପାଟାଇଟିସ୍‌ରୁ ବର୍ତ୍ତିବା ପାଇଁ ସଚେତନତା ଲୋଡ଼ା ବୋଲି କହିଥିଲେ। ଡା. ସନ୍ତ୍ରାଟ କର, ରୋଟାରିୟାନ ବିଜୟ ଗାଡୁଲିଆ, ରାଜାଦେବ ବିଭୂତି ଭୂଷଣ ଜାଲତ, ଶଶାଙ୍କ ଶେଖର ମହାପାତ୍ର, ମୋହନ ନନ୍ଦକିଶୋର ଶତପଥୀ, ଶୁଭ୍ରାଂଶୁ ସାମନ୍ତରାୟ, ସମିତ କର, ରମେଶ ଚନ୍ଦ୍ର ସିଂ, ଶୈଳେନ୍ଦ୍ର ନାରାୟଣ ଠାକୁର, ଅରୁଣ ବାଣ ପ୍ରମୁଖ ଯୋଗଦେଇ ଏହି ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ରୋଟାରିୟାନ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ବନ୍ଧୁ ଦାସ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

କଣ୍ଟାପଡା,୨୮।୭(ସୁଲୋଚନାରାୟଣ ସାହୁ)

ଓଲଟପୁର ଥାନା ଅଧୀନ ସଚେଲ ଦେବପୁର(୨) ଗ୍ରାମର ବନ୍ଧୁ ଦାସ(୬୦) ହତ୍ୟା ମାମଲାରେ ପୋଲିସ ଜଣେ ଅଭିଯୁକ୍ତକୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଜୈକାର ଚନ୍ଦ୍ର ମୁଦୁଲି(୪୫)। ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଖଣ୍ଡାକୁ ପୋଲିସ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୫ ତାରିଖ ରାତି ପ୍ରାୟ ୮ଟାରେ ବନ୍ଧୁ ଓ ଜୈକାରଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହେଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। ଜୈକାର ଉତ୍ତେଜିତ ହୋଇ ନିଜ ଘରୁ ଏକ ଖଣ୍ଡା ଆଣି ବନ୍ଧୁଙ୍କ କାନପୁଣ୍ଡାକୁ କୋପ ପକାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌ଏଚିଏ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତକୁ ଦୃଢ଼ତର ଗିରଫ କରାଯିବ ବୋଲି ଓଲଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଶନିବାର ରାତିରେ ଓଲଟପୁର ଥାନା ଅଞ୍ଚଳରୁ ଜୈକାରଙ୍କୁ ପୋଲିସ କାବୁ କରିଥିଲା।

ସତର୍କ ରହିଲେ ରୋଗଠୁ ଦୂରେଇ ହେବ

କଟକ,୨୮।୭(ଶିକ୍ଷା ପ୍ରିୟଦର୍ଶିନୀ)

ବିଶ୍ୱ ହେପାଟାଇଟିସ୍ ଦିବସ ଅବସରରେ ହେପାଟୋଲୋଜି ବିଭାଗ ପକ୍ଷରୁ କାଢ଼ାଯାଇଥିବା ସଚେତନତା ପଦଯାତ୍ରା।

ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ଏସ୍‌ସିବି ହେପାଟୋଲୋଜି ବିଭାଗ ପକ୍ଷରୁ ପୁରାତନ ଅଡିଟୋରିୟମଠାରେ ବିଶ୍ୱ ହେପାଟାଇଟିସ୍ ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରବୋଧିନୀ ମହାନ୍ତି, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଶୁଭାଂଶୁ ଶେଖର ମିଶ୍ର, ପ୍ରଫେସର ବନବିହାରୀ ମିଶ୍ର, ଡା. ସତ୍ୟନାରାୟଣ ଜାଲଦରାୟ, ଡା. ପ୍ରିୟା କର, ଡା. ହରିଭକ୍ତି ହେମା ଦାସ, ଡା. ସୁଧାନ୍ତ କୁମାର ଜେନା ଯୋଗଦେଇ ହେପାଟାଇଟିସ ରୋଗର ଭୟାବହତା ଓ ନିରାକରଣ ଦିଗରେ ଆଲୋକପାତ କରିଥିଲେ। ବିଭାଗରେ, ସତର୍କତା ଅବଲମ୍ବନ ସହ ସଚେତନ ହେଲେ ରୋଗଠାରୁ ଦୂରେଇ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଜିନ୍ସ ହସ୍ପିଟାଲ୍‌ର ପ୍ରଫେସର ପ୍ରୀତମ ନାଥ, ଏଆଇଜି ହସ୍ପିଟାଲ ଡା. ପି. କୁମାରସ୍ୱାମୀ, ସମ୍ ହସ୍ପିଟାଲର ପ୍ରଫେସର ଜିମି ଲାଲାୟନ ଏହାକୁ ଡା. ମାନସ କୁମାର ଦେହେରା ପରିଚାଳନା କରିଥିଲେ। ପ୍ରଫେସର ଡା. ରମେଶ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଡା ରାକେଶ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ପ୍ରଫେସର ଡା. ପ୍ରଭାକର ମିଶ୍ର, ପ୍ରଫେସର ଡା. ବିଭୂତିଭୂଷଣ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ହେପାଟୋଲୋଜି ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବୁଦ୍ଧାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ଏସ୍‌ସିବି ଜିନ୍ସ କାର୍ଯ୍ୟାଳୟ ସମ୍ମୁଖରୁ କାହାରି ମେଡିକାଲ ପରିସର ପରିକ୍ରମା କରିଥିଲା। ଏଥିରେ ସମସ୍ତ ବିଭାଗୀୟ ଡାକ୍ତର, ନର୍ସିଂ ଅଫିସର, ଡାକ୍ତରୀ ଓ ନର୍ସିଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ବିଭିନ୍ନ ଶୈବପୀଠକୁ ଜଳ ନେଇ ଯିବା ପାଇଁ କଟକ ବାଲିଯାତ୍ରା ଚଡପଡିଆ ମହାନଦୀ ତଟରେ ରବିବାର ବୋଲ୍‌ବମ୍ ଭକ୍ତଙ୍କ ଭିଡ଼।

୫୦ ଫୁଟ୍ ବାହୁଙ୍ଗିରେ ବୋଲ୍‌ବମ୍ ଯାତ୍ରା

କଟକ,୨୮।୭(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରାବଣର ଦ୍ୱିତୀୟ ସୋମବାରରେ ଜଳ ଲାଭି କରିବା ପାଇଁ ବୋଲ୍‌ବମ୍ ଭକ୍ତମାନେ ବିଭିନ୍ନ ଶୈବପୀଠକୁ ଯାତ୍ରା କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ କୁମାରସାହିର ତ୍ରିମୁଖ ଯୁବକ କାଉଡ଼ିଆ ସଂଘର ୫୦୦ ସଦସ୍ୟ ରବିବାର ଅପରାହ୍ନରେ କଟକ ଜହଟା ଘାଟରେ ପୂଜାର୍ଚ୍ଚନା କରିବା ପରେ ଜଳଭରି ପାଇଁ ଆଠରଡ଼ର ସର୍ବେଶ୍ୱର ପୀଠ ଅଭିମୁଖେ ବାହାରିଛନ୍ତି। ୫୦ ଫୁଟ୍ ଲମ୍ବ ଓ ୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଶିବଧନୁ ଆକୃତିର ବାହୁଙ୍ଗୀ ନେଇ ସେମାନେ ଯାତ୍ରା କରିଛନ୍ତି। ଏହି ବାହୁଙ୍ଗୀ ତିଆରି କରିବା ପାଇଁ ସଂଘ ସଦସ୍ୟଙ୍କୁ ଏକ ସପ୍ତାହ ସମୟ ଲାଗିଛି। ବାଉଁଶ ଓ କାଠରେ ତିଆରି ହୋଇଥିବା ବାହୁଙ୍ଗୀକୁ ସୋଲ, ରଙ୍ଗୀନ ଫୁଲରେ ସଜ୍ଜିତ କରାଯାଇଛି। ଏଥିପାଇଁ ୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବାହୁଙ୍ଗୀରେ ୧୦ କେଜି ଓଜନର ଘଣ୍ଟି ଝୁଲାଯିବା ସହ ୪୦ ଲିଟର କ୍ଷୀର ଓ ୨୦ ଲିଟର ଜଳ ନେଇ ସଂଘ ସଦସ୍ୟମାନେ ଜଳାଭିଷେକ କରିବେ। ଏହି ବାହୁଙ୍ଗୀ ଦେଖିବା ପାଇଁ ଜହଟା ଘାଟରେ ଲୋକଙ୍କ ଭିଡ଼ ଲାଗିଥିଲା। ଏନେଇ ସଂଘର ଯୁବ୍ୟ ରାଜାଦେବ ସାହୁ ଜଣାଇଲେ ଯେ ଗତ ୨୧ ବର୍ଷ ହେବ ମହାଦେବଙ୍କ ଜିକରରେ ଜଳଭାରି କରାଯାଇଛି। ସମସ୍ତେ ଏକଜୁଟ୍ ହୋଇ ଜଳଭାରି କରିବାର ଉଦ୍ଦେଶ୍ୟ ହେଉଛି ଭାଇଚାରା ସହ ଏକତା ଓ ଜନସାଧାରଣଙ୍କ ମଙ୍ଗଳ କାମନା କରି ସର୍ବେଶ୍ୱର ମହାଦେବଙ୍କୁ ଜଳାଭିଷେକ କରାଯିବ।

ତ୍ରିମୁଖ ଯୁବକ କାଉଡ଼ିଆ ସଂଘର ସଦସ୍ୟମାନେ ବାହୁଙ୍ଗୀରେ ଜଳ ନେଇ ସର୍ବେଶ୍ୱର ମନ୍ଦିରକୁ ଯାତ୍ରା କରିଛନ୍ତି।

ଅଟୋ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

କାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ)

ଚଳକା ଥାନା ଅଧୀନ କଣ୍ଟାବାଡ଼ ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ ଅଟୋ ଚାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦନକାନନ ଥାନା ଅଧୀନ ପଦାସାହି ଗ୍ରାମର ମଙ୍ଗରାଜ ପଡ଼ିଚା ଓରଫ ମଣ୍ଟୁ(୫୦)। ସେ ତାଙ୍କ ଅଟୋରେ ରବିବାର ବାରଙ୍ଗରୁ ଭଡ଼ାରେ ସାମଗ୍ରୀ ନେଇ କଣ୍ଟାବାଡ଼ ଆସୁଥିଲେ। କଣ୍ଟାବାଡ଼ଠାରୁ ଅଳ୍ପଦୂର ରାସ୍ତାପାର୍ଶ୍ୱରେ ଅଟୋ ଚାଲି ବିଶ୍ରାମ ନେଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ତେବେ ମୃତ୍ୟୁର କାରଣ ଜାଣିବାକୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବାବଚ୍ଛେଦ ପାଇଁ ପଠାଇଛି।

'ମାନବ ସମାଜକୁ ରକ୍ଷା କରିବା ପାଇଁ ଚାରାରୋପଣ କର'

କଟକ,୨୮।୭ (କାର୍ତ୍ତିକ ସାହୁ)

ଓଡ଼ିଶା ଅବସରପ୍ରାପ୍ତ ଅବକାରୀ ଅଧିକାରୀ ସଂଘ ପକ୍ଷରୁ ବନ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ସଂଘ ସଭାପତି ବୁଦ୍ଧିହ ଚରଣ ଧୀରଙ୍କ ପୌରୋହିତ୍ୟରେ ବିଜୁନାରୀ ଖେଳପଡ଼ିଆରେ ବନ ମହୋତ୍ସବ ହୋଇଛି। ସଂଘର ସାଧାରଣ ସମ୍ପାଦକ ବସନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ଚାରାରୋପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସମିତ୍ କୁମାର ପଟ୍ଟନାୟକ ଯୋଗଦେଇ ସାମ୍ପ୍ରତିକ ଜଟିଳ ପରିସ୍ଥିତିରେ ମାନବ ସମାଜକୁ ରକ୍ଷା କରିବାକୁ ହେଲେ ଅଧିକରୁ ଅଧିକ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାନନ୍ଦ ମେମୋରିଆଲ ଟ୍ରଷ୍ଟ ଆଶ୍ରମର ପିଲାମାନଙ୍କୁ ସଂଘ ତରଫରୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଆମନ୍ତ୍ରିତ ଅତିଥି ଭାବେ ଗଙ୍ଗାଧର ବେହେରା, ସୋମନାଥ ରାଉତ, ନିବାସ ଚନ୍ଦ୍ର ମିଶ୍ର, ବସନ୍ତ କୁମାର ସାହୁ, ବିକ୍ରମ କୁମାର ଲେଙ୍କା ଓ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଜୟନ୍ତ କୁମାର ବଳ୍ଲି, ନିରଞ୍ଜନ ପାତ୍ର, ହରିଶ ଚନ୍ଦ୍ର ସେଠି, ଗଜନ ପଟ୍ଟନାୟକ, ବାବଲ ପଟ୍ଟନାୟକ, ନଳିନୀ ବେହେରା, ସୁରେଶ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଆଶ୍ରମର ରାଜାଦେବ କୁମାର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ସାଧାରଣ ପରିଷଦ ବୈଠକ

କଟକ,୨୮।୭ (କାର୍ତ୍ତିକ ସାହୁ)

ପୁରାତନ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ସାଧାରଣ ପରିଷଦ ବୈଠକ ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଅଧ୍ୟକ୍ଷତା କରି ଆଶ୍ରମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବାବଦରେ ସୂଚନା ଦେଇଥିଲେ। ଆଶ୍ରମର ୫ ଜଣ ଅନ୍ତେବାସୀ ପିଙ୍କୁ ପ୍ରଧାନ, ସନ୍ଦୁର ସିଂ, ପିରୋଜ ଏବ୍ରଲ, ଗୁଲୁ ସିଂ ଓ ରାକେଶ ସିଂ ଆଶ୍ରମ ମାଧ୍ୟମରେ ବୈଷୟିକ ଶିକ୍ଷା ଲାଭ ପରେ ମାରୁତି ସମେତ ଅନ୍ୟାନ୍ୟ ବଡ଼ ଉଦ୍ୟୋଗରେ ଯୋଗଦେଇ ଗୋଟିଏ ସ୍ୱାବଲମ୍ବୀ ହୋଇଛନ୍ତି। ସେହିପରି ୩୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ କ୍ରୀଡ଼ା, ଶିକ୍ଷା, ସଂସ୍କୃତିକ ଓ ଚିତ୍ରକଳା କ୍ଷେତ୍ରରେ ପୁରସ୍କୃତ ହୋଇଥିବା ନନ୍ଦ କହିଛନ୍ତି। ଆଶ୍ରମର ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ପଣ୍ଡା ଉପଦର୍ଶନ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଆଶ୍ରମର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ଏ.ଏସ୍. ନାଇଡୁ, କ୍ଷେତ୍ରମୋହନ ସାମଲ, ପ୍ରଫେସର ସହଦେବ ପାତ୍ର, ଜୟନ୍ତୀ ମଣ୍ଡଳୀ ଉଠ, ପ୍ରମୋଦ କୁମାର ମହାପାତ୍ର, ଦେବଦତ୍ତ ପଟ୍ଟନାୟକ, ଉତ୍କଳପ୍ରସାଦ ଦାସ, ବଂଶୀମୋହନ ଶତପଥୀ, କିଶୋର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମର ଯୁକ୍ତ ସମ୍ପାଦକ ପତିତପାବନ ମହାପାତ୍ର, ଡ. ସୁରେଶ ସୁନ୍ଦରୀ ସ୍ୱାଇଁ, ମଣ୍ଡୁଳତା ଜେନା, ଶୈଳବାଳା ଜେନା, ସତ୍ୟ ଗୋପାଳ ପଣ୍ଡିତ ଯୋଗଦେଇଥିଲେ।

ଶିବିରରେ ୨୮୪ ଅଭିଯୋଗ ପଞ୍ଜୀକୃତ

ଅଭିଯୋଗ ଶୁଣାଣି ଶିବିରରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ।

ଗୌଡ଼ାର,୨୮।୭(ଅଶୁତୋଷ ଦାସ)

ଗୌଡ଼ାର ଟେପିର ଟାଉନ୍‌ହଲ୍‌ରେ ରବିବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତିଙ୍କ ଅବହେଳାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ବିଧାୟକ ଓ ଆବଳକ ନୟନ ମହାନ୍ତିଙ୍କୁ ସମ୍ମାନିତ କରିଥିଲେ। ବିଲା ଉପସଭାପତି ପ୍ରଶାନ୍ତ କୁମାର ଛୋଟା, ସମ୍ପଦ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିର ସାଧାରଣ ସମ୍ପାଦକ ସମ୍ପାଦିତ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଶିବିରରେ ମୋଟ୍ ୨୮୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବେଶେକ ଅଭିଯୋଗର ସମାଧାନ କରାଯାଇଥିବାବେଳେ ଅନ୍ୟଗୁଡ଼ିକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ନିଆଯାଇଥିଲା। ପ୍ରାରମ୍ଭରେ ରାଜପା ଗୌଡ଼ାର ମଣ୍ଡଳ ପକ୍ଷରୁ ଏମ୍‌ପି ମହତାବ, ବିଧାୟକ କଟକ ଜିଲା ସଭାପତି ରାମ ନାରାୟଣ ମହାନ୍ତି ଓ ଆବଳକ ନୟନ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ଉପସଭାପତି ପ୍ରଶାନ୍ତ କୁମାର ଛୋଟା, ରାଜାଦେବ ବୈଦ୍ୟନାଥ ଚରଣ ପ୍ରଧାନ, ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ, ଅଜିତ୍ କୁମାର ବୁଦ୍ଧିରାୟ, ଚନ୍ଦ୍ରି ପ୍ରଧାନ, ସାଗିର ମହାନ୍ତି, ମମତା ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

'ଦ୍ରବ୍ୟ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ନାହିଁ'

କଟକ,୨୮।୭ (କାର୍ତ୍ତିକ ସାହୁ)

ଦି ସୁନିଭର୍ସ ପକ୍ଷରୁ କେନ୍ଦ୍ର ବଜେଟ୍‌ରେ ସ୍ୱସ୍ଥ ଓ ବାସ୍ତବରୂପ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ସତ୍ୟକାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାଭାବେ ପ୍ରଫେସର ସୁରେନ୍ଦ୍ର ନାଥ ବେହେରା ଯୋଗଦେଇ କହିଛନ୍ତି, କେନ୍ଦ୍ର ବଜେଟରେ ଚେତେକ ଦ୍ୱାରା ଉଠାଇ ଦିଆଯାଇ ନୂଆ ଉଦ୍ୟୋଗୀଙ୍କୁ ସାହାଯ୍ୟ କରାଯାଇଛି। ଦାଶ ଓ ଚାଷୀଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ଉତ୍ପାଦନ ବା ଆମଦାନୀ ଦ୍ରବ୍ୟର ସଂରକ୍ଷଣ ପାଇଁ ଶୀତଳଭଣ୍ଡାରର ବ୍ୟବସ୍ଥା ନାହିଁ। ମହିଳା ସଶକ୍ତୀକରଣ ପାଇଁ ବ୍ୟବସ୍ଥା ହୋଇଛି। ଜରୁରିକାଳୀନ ଔଷଧ ଦାମ୍ କମିଛି। ପରିବେଶ ପାଇଁ ଯଥୋଚିତ ଧ୍ୟାନ ଦିଆଯାଇଛି। ଦୀର୍ଘ ମିଆଦୀ ଯୋଜନା ପ୍ରଣୟନ ହୋଇ ଲୋକଙ୍କର ସୃଷ୍ଟି ହେଉ ଏବଂ ସ୍ୱଳ୍ପ ମିଆଦୀ ବ୍ୟବସ୍ଥାରୁ ଅପଣାର ଲୋକଙ୍କୁ ଚର୍ମୁହିତ କରା ନ ଯାଉ। ଡ. ଖରବେଳ ମହାନ୍ତି, ସୋମନାଥ ମହାନ୍ତି, ଡ. ପ୍ରଜ୍ଞା ମିଶ୍ର, ଜ୍ଞାନୀନାଥ ସ୍ୱାଇଁ, ବନମାଳୀ ଶୁକ୍ଳ, ସଜିତ ବେହେରା ଓ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପାଦକ କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

କଟକ ବାଙ୍ଗରାବାଦସ୍ଥିତ ଗାନ୍ଧୀ ଭବନରେ ଅଭିନ୍ଦ୍ରା ପକ୍ଷରୁ ଅନୁଷ୍ଠିତ ବର୍ଷୀ ଉତ୍ସବରେ ଅତିଥିଙ୍କ ଉପସ୍ଥିତିରେ କୃତୀ ଛାତ୍ରୀଛାତ୍ରୀ।

ନବଗୁଞ୍ଜନରେ ଚମକିଲେ ନୃତ୍ୟଶିଳ୍ପୀ

ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପ୍ରତିଯୋଗିତା

ପ୍ରିୟଙ୍କା ଜେନା ନୃତ୍ୟ ପରିବେଷଣ କରୁଛନ୍ତି

କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ,୨୮।୭ (କାର୍ତ୍ତିକ ସାହୁ)

ଓଡ଼ିଶାର ସ୍ୱନାମଧନ୍ୟ ନୃତ୍ୟଗୁରୁଙ୍କ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଉଦୀୟମାନ ନୃତ୍ୟଶିଳ୍ପୀଙ୍କୁ ନେଇ ଆୟୋଜନ କରିଛି ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ନବଗୁଞ୍ଜନ। ରବିବାର ସନ୍ଧ୍ୟାରେ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଯନ୍ତ୍ରସଙ୍ଗୀତର ଝଙ୍କାରରେ ଚମକିଲେ ଉଦୀୟମାନ ନୃତ୍ୟଶିଳ୍ପୀମାନେ। ନୂଆ କରି ଓଡ଼ିଶୀ ନୃତ୍ୟର ଧାରାରେ ପାଦ ଆଗୁଡ଼ାଇ ଏହି ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଉକ୍ତ ଅନୁଷ୍ଠାନ ଗତ କିଛିବର୍ଷ ହେବ ଆୟୋଜିତ କରିଚାଲିଛି ଏହି ନବଗୁଞ୍ଜନ। ଏହା ମାଧ୍ୟମରେ ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର ଦିଗରେ ଉଦ୍ୟମ କରାଯାଇଥିବା ଜଣାପଡ଼ିଛି। ସବୁଦିନ ୧୦ରୁ ୧୬ ବର୍ଷ ବୟସର ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସେମାନଙ୍କ ମଧ୍ୟରେ ଆଦ୍ୟାଶା ଅନିନ୍ଦିତା ପ୍ରଥମ, ଚିତ୍ରଶ୍ରୀ ସାହୁ ଦ୍ୱିତୀୟ, ମିଲୋନି ମହାନ୍ତି ଓ ପୌଲମୀ ଦାସ ଯୁଗ୍ମ ତୃତୀୟ ହୋଇଥିଲେ। ସାନ୍ଧ୍ୟ ଉତ୍ସବରେ ପଦ୍ମଶ୍ରୀ କୁମୁଦିନୀ ମହାନ୍ତି, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଡକ୍ଟର ସ୍ନେହଲତା ସାମନ୍ତରାୟ, ବିମଳିତ ଅତିଥି ଭାବେ ଯୋଗଦେଇ ନୃତ୍ୟଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ଏହିସହ କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ପାଇଁ ୪ ହଜାର, ଦ୍ୱିତୀୟ ପାଇଁ ୩ ହଜାର ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୨ ହଜାର ଟଙ୍କା ଚେକ୍‌ଆଏ ଦିଆଯାଇଥିଲା। ନୃତ୍ୟଶିଳ୍